# ଦଧିବାମନ ହିଁ ଜଗନ୍ନାଥ

ପରବ୍ରହ୍ମ ତଥା ପରଂ ବ୍ରହ୍ମ ମଧ୍ୟରେ ଯଥେଷ୍ଟ ତାରତମ୍ୟ ରହିଛି । ସାଧକମାନେ ଏଣୁ କହନ୍ତି, ପରବ୍ରହ୍ମ କହିଲେ ବିଷ୍ଣୁ, ନିରାକାର, ଅନନ୍ତ, ଅନ୍ତର୍ଯ୍ୟାମୀ, ଗୋବିନ୍ଦ, ଅଚ୍ୟୁତ ଏପରି ଅନେକ ଶବ୍ଦ ସହ 'ବସନାଦ୍ ବାସୁଦେବୋଽସି ବାସିତଂ ତେ ଜଗଦ୍‌ତ୍ରୟଂ' । ଅର୍ଥାତ୍ ସମସ୍ତ କ୍ଷେତ୍ରରେ ଯେ ବାସ କରିଥାନ୍ତି । ଏବଂ ଯାହାଙ୍କ ସର୍ବତ୍ର ବାସ ଫଳରେ ସମସ୍ତ କ୍ଷେତ୍ରାବାସିତ ହୁଏ ବା ଭଗବତ୍ ସତ୍ତାର ପ୍ରଭାବ ଯେ ପ୍ରକାଶ କରେ । ସେ ହିଁ ବାସୁଦେବ ବା ପରବ୍ରହ୍ମ ବୋଲାଏ । ବାସୁଦେବ ଶବ୍ଦର ଏପରି ବ୍ୟାପକ ଅର୍ଥର ସତ୍ୟତାକୁ, ଭକ୍ତ ପ୍ରହ୍ଲାଦଙ୍କ ପ୍ରାର୍ଥନା ମାତ୍ରକେ ସ୍ତମ୍ଭରୁ ବହିର୍ଗତ ହୋଇଥିବା ନୃସିଂହଙ୍କ ସ୍ୱରୂପ, ପ୍ରକଟ ହୋଇଥିବା ପ୍ରମାଣିତ ହୋଇ ପାରିଛି ।

ପରିବେଶ, ପରିସ୍ଥିତି ଅନୁକ୍ରମେ ଭଗବାନ ଅବତାର ରୂପ ଧାରଣ କରିଥାନ୍ତି । ସୃଷ୍ଟି ଆରମ୍ଭରୁ ପରବ୍ରହ୍ମ ନିଜ କଳା ଅଂଶରୁ ପୁରୁଷାବତାର, ଗୁଣାବତାର, କଳ୍ପାବତାର, ଯୁଗାବତାର, ପୂର୍ଣ୍ଣାବତାର, ଅଂଶାବତାର, କଳାବତାର, ଆବେଶାବତାର ଇତ୍ୟାଦି ଅବାନ୍ତର ଭେଦରେ ପ୍ରକଟିଥିଲେ । ଏଥିରେ ଶ୍ରୀକୃଷ୍ଣ ପୂର୍ଣ୍ଣାବତାର ବୋଲାଇଥିଲେ । ଏବଂ ପ୍ରକଟ ହେବାପରେ ବିଭିନ୍ନ ଲୀଳା ସହିତ ଦୁଷ୍ଟଙ୍କୁ ନିବାରଣ କରି ଗତ ଦ୍ୱାପର ଶେଷ ଚରଣରେ ପରିବେଶରୁ ବିଦାୟ ନେଇଥିଲେ ।

ଶ୍ରୀମଦ୍ ଭାଗବତ ସ୍କନ୍ଦ ୧୧/୩୧ ଅଧ୍ୟାୟରେ ବର୍ଣ୍ଣନା ଥିବା ଭଗବାନ୍ ଶ୍ରୀକୃଷ୍ଣଙ୍କ ସ୍ୱଧାମ ଗମନରେ ବର୍ଣ୍ଣିତ ଯେ (ଶ୍ଲୋ-୬) ଭଗବାନଙ୍କ ଶ୍ରୀ ବିଗ୍ରହ ଉପାସନାକାରୀଙ୍କ ଧ୍ୟାନ ଏବଂ ଧାରଣାର ମଙ୍ଗଳମୟ ଆଧାର ତଥା ସମୁଦାୟ ଲୋକ ଶକାସେ ପରମ ରମଣୀୟର ଆଶ୍ରୟ ଅଟନ୍ତି । ଏଣୁ ସେ ଯୋଗୀଙ୍କ ସଦୃଶ ଅଗ୍ନି ଦେବତା ସମ୍ପର୍କିତ ଦ୍ୱାରା ଯୋଗ ଧାରଣ କରିଥିଲେ । ଏବଂ ତଦ୍ୱାରା ଶରୀରକୁ ନ ଜଳାଇ, ଶସରୀର ନିଜ ଧାମକୁ ଚାଲି ଯାଇଥିଲେ । (୮,୯,୧୦) ଶ୍ଲୋକ ପୁଣି କହେ- ଶ୍ରୀକୃଷ୍ଣଙ୍କ ମନର ଗତି, ବାଣୀ ଉର୍ଦ୍ଧ୍ୱରେ ଥିଲା । ଏଣୁ ତାଙ୍କର ଯୋଗ ପ୍ରବେଶ କାଳରେ ନିଜ ଧାମ ଶଶରୀରେ ଗମନ କରିଥିଲେ । ବ୍ରହ୍ମା, ଶଙ୍କର ଆଦି ଦେବତାମାନେ ମଧ୍ୟ ତାଙ୍କ ଗତିକୁ ଦେଖି ପାରିନଥିଲେ କିମ୍ବା ଜାଣି ପାରିନଥିଲେ । ଏପରି ସ୍ଥିତିକୁ ନେଇ ସେ ଯଦି ଚାହିଁଥାନ୍ତେ ଏହି ପଞ୍ଚଭୂତ ପରିବେଶ ମଧ୍ୟରେ ଶରୀର (ମୃତ)କୁ ତ୍ୟାଗ କରି ସର୍ବଦା ପାଇଁ ଯାଇ ପାରିନଥାନ୍ତେ? ଅବଶ୍ୟ ରଖାଇ ପାରିଥାନ୍ତେ - ଯଦ୍ୟପି ଭଗବାନ ଶ୍ରୀକୃଷ୍ଣ ସମୁଦାୟ ଜଗତର ସ୍ଥିତି, ଉତ୍ପତି ଓ ସଂହାରର ନିରପେକ୍ଷ କାରଣ ଥିଲେ । ଏଣୁ ଶାସ୍ତ୍ର କହେ ଆତ୍ମନିଷ୍ଠ ପୁରୁଷ ପଞ୍ଚଭୂତାକାର ପରିବେଶ ମଧ୍ୟରେ ମୃତଶରୀରକୁ ବିଶେଷ ସମୟ ନରଖି ତୁରନ୍ତ ସଂସ୍କାରର ଆବଶ୍ୟକତାର ଶାସ୍ତ୍ର ସମ୍ମତ ଅଟେ ।

ଏହି ଅଧ୍ୟାୟର ପୁଣି ୨୦ ଶ୍ଲୋକରୁ ବର୍ଣ୍ଣିତ ଯେ ବଳରାମଙ୍କ ପତ୍ନୀଗଣ, ଭଗବାନ ବଳରାମଙ୍କ ମୃତ ଶରୀରରକୁ ଧାରଣ କରିଥିଲେ ଯେପରି, ସେପରି ବସୁଦେଲଙ୍କ ପତ୍ନୀଗଣ ବସୁଦେବଙ୍କ ଶରୀରକୁ ଧରି ଅଗ୍ନି ପ୍ରବେଶ କରିଥିବା ସ୍ଥଳେ, ଭଗବାନ ଶ୍ରୀକୃଷ୍ଣଙ୍କ ପତ୍ନୀଗଣ ଯଥା ରକ୍ମିଣୀ ଆଦି ଅଷ୍ଟ ମହିଷି, ଶ୍ରୀକୃଷ୍ଣଙ୍କ ଶରୀରକୁ ନ ପାଇ କେବଳ ଶ୍ରୀକୃଷ୍ଣଙ୍କ ସ୍ୱରୂପକୁ ଧ୍ୟାନରେ ସୁରକ୍ଷା ଦେଇ ଅଗ୍ନି ପ୍ରବେଶ କରିଥିଲେ । ଏହି କ୍ଷେତ୍ରକୁ ଅର୍ଜୁନ ପ୍ରବେଶ କରି ଏବଂ

ନିଜର ପ୍ରିୟ ସଖା ଶ୍ରୀକୃଷ୍ଣଙ୍କୁ ନ ଦେଖି ଅତ୍ୟନ୍ତ ବ୍ୟାକୁଳ ତଥା ଅଧିର ହୋଇ ପଡ଼ିଥିଲେ । କିନ୍ତୁ ତାଙ୍କର ଗୀତା ସଦୁପଦେଶକୁ ସ୍ମରଣ କରି ନିଜକୁ ସ୍ଥିର କରିଥିଲେ । ଭଗବାନ ଶ୍ରୀକୃଷ୍ଣ ସ୍ୱଧାମ ଗମନ କାଳେ ଶରୀର ସହିତ ଯାତ୍ରା କରିଥିଲେ । କାରଣ ଭୂମା ସ୍ୱରୂପଙ୍କ ସମ୍ପୁର୍ଣ୍ଣ ଷୋହଳ କଳାରୁ କଳାଏ ନନ୍ଦବଳାଙ୍କର ଅଟେ । ଏଣୁ ଏହି କଳା ସତ୍ୱକୁ ସଂସ୍କାର କରିବା ଶକ୍ତି ପରିବେଶ ମଧ୍ୟରେ ନଥିବା କାରଣରୁ ସ୍ୱଧାମରେ ଶରୀର ସଂସ୍କାର ହୋଇଥିବା ସମ୍ଭବ ।

ଭଗବାନ ଶ୍ରୀକୃଷ୍ଣ ସ୍ୱଧାମ ଗମନ କାଳରେ ବହୁ ବର୍ଷ ପୂର୍ବରୁ ଦଧିବାମନଙ୍କ ପ୍ରତିଷ୍ଠା ବର୍ହିଷ୍ମତୀ ପୁରୀଠାରେ ମାଳବ ଦେଶର ଚକ୍ରବର୍ତ୍ତି ମହାରାଜା ତଥା ବିଷ୍ଣୁଭକ୍ତ ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ହୋଇ ପାରିଥିଲା । ସ୍ୱୟମ୍ଭୁବ ମନୁଙ୍କ ସେ ଥିଲେ ପଞ୍ଚମ ପୁରୁଷ । ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ରାଜତ୍ୱ କାଳରେ –

ଶ୍ରୀମଦ୍ ଭାଗବତ ଦଶମ ସ୍କନ୍ଦ ୮୯ ଅଧ୍ୟାୟ ପ୍ରାରମ୍ଭିକ ସ୍ତରରେ ବ୍ରହ୍ମର୍ଷି ଭୃଗୁଙ୍କ ଦ୍ୱାରା ତ୍ରିଦେବ ମଧ୍ୟରେ ସାତ୍ତ୍ୱିକ ଦେବ କିଏ ଋଷିଗଣ ପରିକ୍ଷା କରାଇଥିବା ବର୍ଣ୍ଣିତ ରହିଛି । ଏଥିରେ କୁହାଯାଇଛି – ଏକଦା ସରସ୍ୱତୀ ନଦୀର ଉତ୍ତର ପାର୍ଶ୍ୱରେ ଥିବା ନୈମିଷାରଣ୍ୟ ମଧ୍ୟରେ ଥିବା ବୈଭ୍ରାଜ୍ୟ ବନରେ ଏକ ମହାନ ଯଜ୍ଞ କରିବା ଇଚ୍ଛାରେ ଋଷି, ମୁନୀ ସମୁଦାୟ ଏକତ୍ର ହୋଇଥିଲେ । ସେଠାରେ ସେମାନଙ୍କ ମଧ୍ୟରେ ବାଦ ବିବାଦ ଉଠିଥିଲା କି ବ୍ରହ୍ମଦେବ, ଶିବ ଏବଂ ବିଷ୍ଣୁଙ୍କ ମଧ୍ୟରେ ଶ୍ରେଷ୍ଠ କିଏ ? ତ୍ରିଦେବଙ୍କ ମଧ୍ୟରେ ଶ୍ରେଷ୍ଠ କିଏ ଜାଣିବା ପାଇଁ ସାଧୁଗଣ ବ୍ରହ୍ମର୍ଷି ଭୃଗୁଙ୍କୁ ପରିକ୍ଷା ସକାଶେ ନିଯୁକ୍ତି କରିଥିଲେ ।

ବ୍ରହ୍ମର୍ଷି ଭୃଗୁ ତ୍ରିଦେବଙ୍କ ଚରିତ୍ର ପରିକ୍ଷା କରି ଆସି ସାଧୁ ମେଳରେ ନିଜର ବିଚାର ରଖି କହିଥିଲେ, ବ୍ରହ୍ମଦେବ ଯେ କି ମୋର ପିତା ସମ୍ପୂର୍ଣ୍ଣ ରଜୋଗୁଣବର୍ତ୍ତି, ଶିବଙ୍କ ବିଚାରରେ ରହିଛି କେବଳ ତାମସିକତା ଏବଂ ବିଷ୍ଣୁଙ୍କ ମନ ଚରିତ୍ରରେ ରହିଛି କେବଳ ସାତ୍ତ୍ୱିକତା କହି ନିଜର ପରିକ୍ଷା ଓ ଅନୁଭୁତି କଥା ସାଧୁ ମେଳରେ ପ୍ରକାଶ କରିଥିଲେ । ଏବଂ ବିଷ୍ଣୁ ବ୍ରହ୍ମର୍ଷି ଭୃଗୁ (ଶ୍ରୀବତ୍ସ ବ୍ରାହ୍ମଣ)ଙ୍କ ପଦାଘାତକୁ ଧାରଣ କିପରି କରିଥିବା କଥାମଧ୍ୟ କହିଥିଲେ । ବ୍ରହ୍ମର୍ଷି ଭୃଗୁଙ୍କ ବକ୍ତବ୍ୟକୁ ମାନ୍ୟତା ଦେଇ ଦେବର୍ଷି ନାରଦଙ୍କ ମାଧ୍ୟମରେ ମାଳବ ଅଧିପତିଙ୍କୁ ବିଷ୍ଣୁ ମନ୍ଦିର ନିର୍ମାଣ ସକାଶେ ବିଚାର ଦେଇଥିଲେ ।

ସାଧୁଜନଙ୍କ ବାର୍ତ୍ତାର ମର୍ଯ୍ୟଦା ରକ୍ଷା କରି ପୁରୀ ନୀଳଗିରିଠାରେ ଭବ୍ୟ ମନ୍ଦିର ନିର୍ମାଣ କରାଇଥିଲେ ରାଜା ଇନ୍ଦ୍ରଦ୍ୟୁମ୍ନ । ଏହି ମନ୍ଦିର ରତ୍ନ ସିଂହାସନରେ ବିଷ୍ଣୁଙ୍କ କେଉଁ ସ୍ୱରୂପକୁ ସ୍ଥାପନ କରାଯିବ ? ଏବଂ ସ୍ୱରୂପର ଆକାର ଗଠନ କିପରି ହେବ ? ସାଧୁ ଶ୍ରେଣୀ ବ୍ରହ୍ମର୍ଷି ଭୃଗୁଙ୍କୁ ପଚାରିବାରେ, ସେ ବିଷ୍ଣୁଙ୍କ ସ୍ୱଚ୍ଛ ସ୍ୱରୂପକୁ ଆୟତାଧିନ କରିବା ସକାଶେ ଗିରି ମଧ୍ୟରେ ତିଷ୍ଠି ରହିଥିବା ଭୃଗୁତୁଙ୍ଗ କ୍ଷେତ୍ରରେ ଘୋର ତପସ୍ୟା କରି, ସେଠାରେ ବିଷ୍ଣୁଙ୍କ ସାତ୍ତ୍ୱିକ ସ୍ୱରୂପକୁ ପ୍ରକଟ କରାଇଥିଲେ । ବିଷ୍ଣୁ ପ୍ରକଟିତ ହୋଇ ବ୍ରହ୍ମର୍ଷିଙ୍କୁ କହିଥିଲେ, ହେ ଶ୍ରୀବତ୍ସ ମୋ ସ୍ୱରୂପର ରୂପ କୋଟି କୋଟି ପ୍ରକାରରେ ରହିଛି । ଏଣୁ ମୋ ସ୍ୱରୂପର ରୂପ, ମୁଁ ନିଜେ ପ୍ରସ୍ତୁତ କରିବି । ତୁମେ ମୋ ସ୍ୱରୂପ ପ୍ରସ୍ତୁତ କାର୍ଯ୍ୟରୁ ଅପସିରି କେବଳ ଗୋଟିଏ କାର୍ଯ୍ୟ ଏଠାରେ କର । ମହାରାଜା ଇନ୍ଦ୍ରଦ୍ୟୁମ୍ନ ସଦଳବଳେ ଆସନ୍ତା ପର ଦିନ ଏଠାକୁ ଆସିବେ ତାଙ୍କୁ କେବଳ ଏତିକି କହିବ । ହେ ରାଜା ! ଏଠାରେ ଥିବା ଦାରୁ ବୃକ୍ଷକୁ (ଦେଖାଇ) ବିଧିବିଧାନ ଅନୁସାରେ କ୍ଷେପଣ କରି ବୃକ୍ଷଗଣ୍ଡିକୁ ବର୍ହିଷ୍ମତୀ ପୁରୀ ନେବେ । ମୁଁ ମୋ କାର୍ଯ୍ୟ କରିବି ।

ବୃକ୍ଷ (ଦାରୁ) ଛେଦନ ପରେ ତୁଙ୍ଗ ପାଦଦେଶରେ ପଡ଼ିଥିଲା । ସେଠାରୁ ଘୋଡ଼ାହାଡ଼ ସ୍ରୋତ ଦେଇ ଦାରୁବୃକ୍ଷକୁ ନେବାରେ ତତ୍ପର ହେଲେ । କିନ୍ତୁ ସେଠାର ଦାରୁବୃକ୍ଷ ସ୍ରୋତରେ ଆସି ମୁହାଣଠାରେ ଅଟକି ରହି ସରସ୍ୱତୀ ଜଳଧାରକୁ ଆଉ ସ୍ପର୍ଶ କରି ପାରିନଥିଲା । ନିଜ ସଦଳବଳ ଦ୍ୱାରା ବହୁ ଚେଷ୍ଟା କରି ବିଫଳ ହେବା କାରଣରୁ ରାଜା ସେଠାରେ ସରସ୍ୱତୀଙ୍କୁ ତପସ୍ୟା କରିବାକୁ ଲାଗିଥିଲେ ।

ଋଷିକୂଲ୍ୟା ସରସ୍ୱତୀ ଜଳସ୍ରୋତ ସହ ଦୃଷଦବତୀ ଘୋଡ଼ାହାଡ ଜଳସ୍ରୋତର ମିଳନ କ୍ଷେତ୍ର ବା ମୁହାଣ କ୍ଷେତ୍ରର ଉତ୍ତର ପାର୍ଶ୍ୱରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଦେବୀ ସରସ୍ୱତୀଙ୍କୁ ସ୍ମରଣ ସକାଶେ ତପସ୍ୟାରେ ବସି ଯାଇଥିଲେ । ରାଜାଙ୍କ ଅଜାଣତରେ ଦେବୀ ସନ୍ତୋଷ ହୋଇ ଦାରୁବୃକ୍ଷକୁ ଠିକ୍ କ୍ଷେତ୍ରରେ ରଖାଇ ଦେଲେ । ଏଣୁ ଏଠାରେ ସରସ୍ୱତୀ ଦେବୀ କୃତାଶ୍ରିନୀ ନାମରେ (କୁରେଇଶୁଣୀ) ପରିଚିତ । ତଥା କ୍ଷେତ୍ର 'କନ୍ଧଖରିଡ଼ା' ଜନପଦ ନାମରେ ଏଥକୁ ନେଇ ସ୍ମରଣୀୟ ।

ଏହି ମୁହାଣଠାରୁ ଦାରୁ ବୃକ୍ଷଟି ସ୍ରୋତରେ ଭାଷି ଭାଷି ଅଗ୍ରସର ହୋଇ ଆଜିର ତାରାତାରିଣୀ ପାହାଡ଼ ବା ସେ କାଳର କାମ୍ପିଲ୍ୟ ଗିରି, ଗଙ୍ଗାଦ୍ୱାର ସମିପରେ ଥିବା 'ଆଛୁଲି' ଜନପଦଠାରୁ ସରସ୍ୱତୀ ଜଳଧାର ଦୁଇ ସ୍ରୋତ ଯଥା ଗଙ୍ଗା ଓ ଯମୁନା ସ୍ରୋତ ରୂପେ ପ୍ରବାହିତ ହେଉଥିଲା । ବର୍ତ୍ତମାନ ସରସ୍ୱତୀଙ୍କ ଗଙ୍ଗା ଧାରଟି ପ୍ରଚଳିତ । କିନ୍ତୁ ଯମୁନା ଧାରଟି ୩୦୩ ଖ୍ରୀଷ୍ଟାବ୍ଦରେ ରକ୍ତବାହୁ, ଚକ୍ରବାହୁ ବାତ୍ୟା କାରଣରୁ ଲୋପ ପାଇ ଯାଇଛି । କିନ୍ତୁ ଏଥି ପୂର୍ବରୁ ଯମୁନା ଜଳଧାର ଏହି ଗଙ୍ଗା ଦ୍ୱାର ଆଛୁଲି କ୍ଷେତ୍ରରୁ ବାହାରି ବଡ଼ପଦର, କଳା ଯମୁନା, ହୁମା, ସୁବଳୟା, କଣ୍ଟିଆ ଗଡ଼, ଅଳେଶ୍ୱର, କାଳଜୟୀ (କାଳିଜାଇ) ମନ୍ଦିର ସମ୍ମୁଖ ହୋଇ ଯେଉଁ କ୍ଷିରସାଗର ଗତ ହୋଇଥିବା ଜଳଧାର ଦେଇ, ଦାରୁଟି ମନ୍ଦିର ସନ୍ନିକଟ ହୋଇଥିଲା ।

ଭଗବାନ ବିଷ୍ଣୁ କାରିଗର ରୂପେ ଆସି ଦାରୁଟିକୁ ଯେଉଁ ପ୍ରତିମୂର୍ତ୍ତି ଗଠନ କରିଥିଲେ, ସେହି ପ୍ରତିମୂର୍ତ୍ତିର ନାମ ଥିଲା ଅଜଣା । କିନ୍ତୁ ରାଜା ଇନ୍ଦ୍ରଦ୍ୟୁମ୍ନ ମନ୍ଦିର ନିର୍ମାଣ ପରେ ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପରେ ପରେ ଦେବର୍ଷି ନାରଦଙ୍କୁ ସାଥିରେ ଧରି ମନ୍ଦିର ଓ ପ୍ରତିମା ପ୍ରତିଷ୍ଠା କରିବାକୁ ବ୍ରହ୍ମଦେବଙ୍କୁ ନିମନ୍ତ୍ରଣ କରିବାକୁ ବ୍ରହ୍ମଲୋକ ଯାତ୍ରା କରିଥିଲେ ।

ବ୍ରହ୍ମଦେବଙ୍କୁ ପ୍ରତିଷ୍ଠା ସକାଶେ ଇନ୍ଦ୍ରଦ୍ୟୁମ୍ନ ମାହାରାଜା ଦେବର୍ଷି ନାରଦ ଧରି ଆସିବା ପରେ ଦେଖିଲେ ଯେ, ଗାଳମାଧବ ନାମକ ଜଣେ ଶକ୍ତିଶାଳି ରାଜା ମନ୍ଦିର ଅକ୍ତିଆର କରି ବସିଛି । ନାରଦ ଗାଳମାଧବଙ୍କୁ ରାଜା ଇନ୍ଦ୍ରଦ୍ୟୁମ୍ନ ହିଁ ପ୍ରକୃତ ମନ୍ଦିରର ମାଲିକ ତଥା ମନ୍ଦିର ଓ ପ୍ରତିମା ପ୍ରତିଷ୍ଠା କରିବା ହକଦାର କହି କହିବା ପରେ ସେ ବୁଝି ପ୍ରତିଷ୍ଠାରୁ ତଡ଼େଇ ହୋଇ ପଡ଼ିଥିଲେ । ବ୍ରହ୍ମଦେବ ବିଷ୍ଣୁ ପ୍ରତିମା ସହିତ ମନ୍ଦିରକୁ ପ୍ରତିଷ୍ଠା ପରେ 'ଦଧିବାମନ' ନାମକୁ ନେଇ ପ୍ରତିମାର ନାମ ପ୍ରକାଶ କରିଥିଲେ ।

ବ୍ରହ୍ମଦେବଙ୍କ ଦ୍ୱାରା ଦଧିବାମନ ନାମକରଣ ତଥା ପ୍ରତିଷ୍ଠା କରାଇ ରାଜା ଇନ୍ଦ୍ରଦ୍ୟୁମ୍ନ ସ୍ୱର୍ଗ ପ୍ରାପ୍ତି ହୋଇଥିଲେ । କିନ୍ତୁ କିଛି ଦିନ ପରେ ନିଜ ପୂଣ୍ୟ ଅଭାବରୁ ସ୍ୱର୍ଗରୁ ତଡ଼ା ଖାଇ ମେଦିନୀକୁ ଆସି ମହର୍ଷି ମାର୍କଣ୍ଡେୟଙ୍କୁ ସାକ୍ଷାତ କରି ପ୍ରଶ୍ନ କରିଥିଲେ, ଆପଣ ମତେ ଚିହ୍ନିଛନ୍ତି ? ଉତ୍ତରରେ ମୁନୀ କହିଥିଲେ- ବିଭିନ୍ନ କଥା ମାଧମରେ ତୀର୍ଥ କଥା କହି

ଉତ୍ତର ଆଡ଼େଇ ଦେଇଥିଲେ । ମାର୍କଣ୍ଡେୟଙ୍କ ଦର୍ଘଯିବି ଥିବା 'ପ୍ରାବାର କର୍ଣ୍ଣ' ଉଲୁକର ସମିପ ହିମାଳୟରେ ହୋଇଥିଲେ । ଉଲୁକଙ୍କୁ ମୁନୀ, ଏହାଙ୍କୁ ଚିହ୍ନିଚକି କହି ପ୍ରଶ୍ନ କରିଥିଲେ । ଉଲୁକ ମଧ୍ୟ ପ୍ରଶ୍ନକୁ ଏଡ଼ାଇ କହିଥିଲେ ମୋ ଠାରୁ ଦିର୍ଘଜିବୀ 'ନାଡ଼ିଜଘ' ନାମକ ଏକ ବକ ଇନ୍ଦ୍ରଦ୍ୟୁମ୍ନ ନାମକ ସରୋବରରେ ରହନ୍ତି । ତାଙ୍କୁ ପଚାରିଲେ ବୋଧହୁଏ କହି ପାରିବେ । ସମୁହେ ସେଠାକୁ ଆସି, ରାଜାଙ୍କୁ ଦେଖାଇ ପ୍ରଶ୍ନ କରିଥିଲେ, ଏହାଙ୍କୁ ଚିହ୍ନିଚ କି ? ନାଡ଼ିଜଙ୍ଘ ବକ ପ୍ରଶ୍ନକୁ ଏଡ଼ାଇ ଏହାଙ୍କଠାରୁ ଦୀର୍ଘଜିବୀ ଥିବା ସେହି ସରୋବରରେ 'ଅକୁପାର' ନାମକ କଚ୍ଛପ ନାମ କହିଲେ ।

ନାଡ଼ିଜଙ୍ଘ ବକ ଦୀର୍ଘଜୀବି ଶିରୋମଣୀ ଅକୁପାର କଚ୍ଛପକୁ ଇନ୍ଦ୍ରଦ୍ୟୁମ୍ନ ସରୋବରରୁ ଡାକି ପ୍ରଶ୍ନ କରିଥିଲେ । ତୁମେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଚିହ୍ନିଛ କି ? ରାଜାଙ୍କୁ କଚ୍ଛପ ଦେଖି କହିଲା, ଏହାଙ୍କୁ କିଏ ନ ଚିହ୍ନିବ ? ଯେ କି ଏକ ହଜାର ଥର ଅଗ୍ନି ସ୍ଥାପନା କାଳରେ ଯଜ୍ଞ ଯୁପ ସ୍ଥାପନା କରିଥିଲେ ଏବଂ ତାଙ୍କ ଦ୍ୱାରା ଦକ୍ଷିଣା ଦାନ ଗୋ ସମୁଦାୟକୁ ଦେବା ଦ୍ୱାରା ଏବଂ ସେମାନଙ୍କ ଯିବା ଆସିବା ଯୋଗୁଁ ଯେଉଁ ସରୋବର ସୃଷ୍ଟି ସେଥିରେ ମୁଁ ପରା ବାସ କରୁଛି । କଚ୍ଛପଠାରୁ ରାଜା କୀର୍ତ୍ତୀ ବିଷୟ ଶୁଣିବା ପରେ ପୁନଃ ସ୍ୱର୍ଗ ଲୋକକୁ ସେ ଚାଲିଯାଇଥିଲେ ।

ଏଥକୁ ଲକ୍ଷ କରି ଦଧିବାମନ ଅତୀତକୁ ଜାଣିହୁଏ । ସେହି ଅତୀତ ପୁଣି କହେ ଦଧି - ଦୁଗ୍ଧସମୁଦାୟ ସମଷ୍ଟିର ସାରାଂଶ ବା ବାମନ - ବା ସମାନ ପବନର ମନ - ମନ, ପବନ ତୁଲ୍ୟ ମନ ଯାହାଙ୍କ ସେ ହେଲେ ଦଧିବାମନ, ପରମାତ୍ମା ଆଦି । ଏହି ଭୂମା ସ୍ୱରୂପକୁ ଯେଉଁମାନେ ବୋଧ କରି ପାରିବେ ସେମାନେ ହିଁ ପରମାତ୍ମାଙ୍କୁ ବୁଝି ପାରିବେ । ଶ୍ରୀମଦ୍ ଭାଗବତ ୧୦/୮୯ ଅଧ୍ୟାୟକୁ ପାଠକରି ଭଗବାନ ଶ୍ରୀକୃଷ୍ଣ ମରଣ ହୋଇଥିବା ବ୍ରାହ୍ମଣ ସନ୍ତାନଙ୍କୁ ଫେରେଇ ଆଣିବା ବୃତାନ୍ତ ପାଠକଲେ ପରବ୍ରହ୍ମ ଓ ପରଂବ୍ରହ୍ମ କଣ ବୁଝିହେବ ।

ଖ୍ରୀଷ୍ଟାବ୍ଦ୧୧୨୬ଠାରୁ ୧୧୩୯ ମଧ୍ୟରେ ଚୋଡଗଙ୍ଗଦେବଙ୍କ ଶାସନ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତାରିତ ଥିଲା । ସେ ସଂସ୍କୃତ ସାହିତ୍ୟରେ ପାଣ୍ଡିତ୍ୟ ଲାଭ କରିଥିବା କାରଣରୁ 'କପଟ କାଳିଦାସ' ବୋଲାଉଥିଲେ । ସେ ସର୍ବଦା ରାଜସଭାରେ ପଣ୍ଡିତ ସଭା କରାଉଥିଲେ । ସଭାରେ ପଣ୍ଡିତମାନେ ଏକତ୍ରିତ ହେଉଥିଲେ । ସେଥିରେ ଶ୍ରୀ ସମ୍ପ୍ରଦାୟ, ଶୈବ ସମ୍ପ୍ରଦାୟ ତଥା ଶାକ୍ତ ସମ୍ପ୍ରଦାୟଙ୍କ ଯୋଗ ଫଳରେ ସର୍ବଦା ବାଦ ବିବାଦ ଲାଗି ରହିଥିଲା । ବାଦବିବାଦ ପ୍ରଭାବ ଶାସନ କାର୍ଯ୍ୟରେ ପ୍ରତିଫଳିତ କାରଣରୁ ତ୍ରିକାଳ ମିମାଂସା ପାଠ କରି ନବ ରାଜନୀତି ପ୍ରଚଳନ ଚୋଡ଼ଗଙ୍ଗ କରିଥିଲେ ।

ଶାସନ କାଳ ଶାନ୍ତିରେ ପ୍ରଚଳନ ପାଇଁ ପ୍ରଥମେ ପୁରୁଷୋତ୍ତମ କ୍ଷେତ୍ରରେ ଏବଂ ଶ୍ରୀମନ୍ଦିର ରତ୍ନ ସିଂହାସନରେ ଦଧିବାମନଙ୍କ କ୍ଷେତ୍ରରେ ଏବଂ ଏହାଙ୍କ ସଙ୍ଗରେ ସଙ୍କର୍ଷଣ ଏବଂ ଦେବୀ ସୁଭଦ୍ରାଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିଥିଲେ । ଏବଂ ଦଧିବାମନ ନାମ ପରି ଗମନଶୀଳତା, ପରମାତ୍ମାଙ୍କ ନାମ ୧ନ୍ନ ବା ଆତ୍ମା, ଅଥ - ମଙ୍ଗଳ ସକାଶେ । ଅର୍ଥାତ୍ ପରମାତ୍ମାଙ୍କ ଆତ୍ମା ବ୍ରହ୍ମାଣ୍ଡର ମଙ୍ଗଳ ସକାଶେ ବ୍ୟାପ୍ତରେ ଗମନଶୀଳତା ହୋଇଥାନ୍ତି । ଏଣୁ ଦଧିବାମନ ହିଁ ଜଗତ୍ନ୍ନାଥ ।